# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

SHREE JAGANNATHA TEMPLE ADMINISTRATION
Puri, Odisha

ଡିସେମ୍ବର - ୨୦୨୧ DECEMBER - 2021


## ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା

ଆମର ସନାତନୀୟ ଧାର୍ମିକ ଓ ସାଂସ୍କୃତିକ ପରମ୍ପରାରେ ତୁଳସୀ, ନିମ୍ବ, ବିଲ୍ୱ, ଚନ୍ଦନ, ଅଶୋକ, ଦମଦକ ଏବଂ ବକୁଳ ଆଦିର ଔଷଧୀୟ ଗୁଣବତ୍ତା ଯୋଗୁଁ ସେଗୁଡ଼ିକର ପ୍ରୟୋଗ ବିଭିନ୍ନ ଅବସରରେ ଦେବାନୁଷ୍ଠାନମାନଙ୍କରେ ହେଉଥିବାର ଲକ୍ଷ୍ୟ କରାଯାଏ । ପୁନଃ ବିଭିନ୍ନ ମାସର ଯାତ୍ରା ଏବଂ ପୁଣ୍ୟ ତିଥିଗୁଡ଼ିକ ସହ ଉକ୍ତ ବନସ୍ପତି ଗୁଡ଼ିକର ସଂପୃକ୍ତି ସେଗୁଡ଼ିକର ପ୍ରଧାନ୍ୟ ସୂଚିତ କରେ, ଯଥା- ଚନ୍ଦନ ଯାତ୍ରା, ଚନ୍ଦନ ଲାଗି, ଅଶୋକାଷ୍ଟମୀ, ଦମନକ ଚତୁର୍ଦ୍ଦଶୀ ଏବଂ ବକୁଳ ଅମାବାସ୍ୟା ଆଦି । ପୌଷ ଅମାବାସ୍ୟାକୁ ବକୁଳ ଅମାବାସ୍ୟା ନାମରେ ଅଭିହିତ କରାଯାଏ । ଋତୁଚକ୍ରର ଆବର୍ତ୍ତନରେ ଶୀତ ପରେ ବସନ୍ତାଗମର ସନ୍ଦେଶ ବହନ କରି ଆମ୍ରବୃକ୍ଷ କୁସୁମିତ ହୁଏ । ପ୍ରକୃତିରେ ନବାଗତ ବକୁଳକୁ ସ୍ୱାଗତ କରାଯାଏ ପାରମ୍ପରିକ ପର୍ବରେ । ଏହି ଅବସରରେ ପ୍ରକୃତିର ପୁଲକ ଓଡ଼ିଆ ଜନଜୀବନରେ ପ୍ରତିଫଳିତ ହୁଏ ବକୁଳ ଅମାବାସ୍ୟା ପର୍ବରେ । ପାରିବାରିକ ସୌଖ୍ୟ ଏବଂ ସାମାଜିକ ସହବନ୍ଧନ ତଥା ଦେବଦେବୀ ଓ ପିତୃପୁରୁଷଙ୍କ ପରିତୃପ୍ତି ନିମିତ୍ତ ଓଡ଼ିଆ ଗୃହିଣୀ ବଉଳ ସଂଗ୍ରହ ପୂର୍ବକ ଗଇଁଠା ପିଠା ପ୍ରସ୍ତୁତ କରେ ।



ଆମ୍ବ ବଉଳର ଔଷଧୀୟ ଗୁଣ ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ । 'ଆମ୍ରସ୍ୟ ପଲବୋ ରୁଚ୍ୟଃ କଫପିତ୍ତ ବିନାଶନଃ' । ଆମ୍ବ ବଉଳକୁ ଦୁଇହାତ ପାପୁଲିରେ ରଗଡ଼ିବା ପରେ ପାପୁଲି ଦ୍ୱୟକୁ ଚକ୍ଷୁଦୁଇଟି ଉପରେ ସଞ୍ଚାଳନ କଲେ ଚକ୍ଷୁରୋଗ ହୁଏ ନାହିଁ । ଆମ୍ବ ବଉଳକୁ ଶୁଖାଇ ଚୂର୍ଣ୍ଣ କରି ମିଶ୍ରି ସହ ସେବନ କଲେ ବୀର୍ଯ୍ୟ ସ୍ତମ୍ଭନ ହୁଏ ଏବଂ ଶୟନ କକ୍ଷରେ ଶୁଖିଲା ଆମ୍ବ ବଉଳର ଧୂଆ ମଶା ନିରୋଧକ ଅଟେ ।

ଧର୍ମଶାସ୍ତ୍ରରେ ଉଲ୍ଲେଖ ଅଛି- 'ପୌଷେ ତୁ ବକୁଳ-କ୍ଷୀରପାୟସୈଃ ତର୍ପୟେତ୍ ପିତୃନ୍ ।' ପୌଷ ଅମାବାସ୍ୟାରେ ବକୁଳ ମିଶ୍ରିତ କ୍ଷୀର ପାୟସ ଦ୍ୱାରା ପିତୃପୁରୁଷଙ୍କୁ ତର୍ପଣ କରିବ, ଯେଉଁ ଦିନକୁ ଅମାବାସ୍ୟାର ଶ୍ରାଦ୍ଧକାଳ ଥିବ ସେହିଦିନ କେବଳ ଅନୁଷ୍ଠାନ କରିବ ।

ଅମାବାସ୍ୟା ଦିନ ଘରେ ଘରେ ଗଇଁଠା ପିଠା ପ୍ରସ୍ତୁତ କରି ସେଥିରେ ବଉଳ ପକାଯାଏ । ଗ୍ରାମ ତୋଟା ବଗିଚାର ଆମ୍ବ ବୃକ୍ଷ ମୂଳରେ ଗଇଁଠା ପିଠା ଭୋଗ କରାଯାଏ । ଗ୍ରାମଦେବଦେବୀ, ଗୃହଦେବ ତାଙ୍କୁ ବଉଳ ଲାଗି କରାଯାଇ ଗଇଁଠା ପିଠା ଭୋଗ କରାଯାଏ ।

ଉତ୍କଳୀୟ ସଂସ୍କୃତି ଏକ ପ୍ରକୃତିଭିତ୍ତିକ ସଂସ୍କୃତି ଏବଂ ଆଧ୍ୟାତ୍ମିକତା ଏହାର ଆଦର୍ଶ । ପ୍ରକୃତିର ବୈଚିତ୍ର୍ୟରେ ଭଗବାନଙ୍କ ରହସ୍ୟମୟୀ ଦିବ୍ୟଲୀଳାର ସନ୍ଦର୍ଶନ ହୁଏ । ଶୈତ୍ୟର ଜଡ଼ତା ମଧ୍ୟରେ ନବ ବକୁଳ ମନୁଷ୍ୟ ମନରେ ନୂତନ ଉନ୍ମାଦନା ସୃଷ୍ଟି କରେ । ବକୁଳ ଅମାବାସ୍ୟାରେ ବହିଃ ପ୍ରକୃତିର ଆନନ୍ଦ ଅନ୍ତଃ ପ୍ରକୃତିରେ ପ୍ରବେଶ କରେ । ଆନନ୍ଦ କେବଳ ପରିବାର ଏବଂ ସମାଜରେ ସୀମିତ ରହେ ନାହିଁ, ସେଥିରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦ୍ୱାରା ତୃପ୍ତ କରି ସେମାନଙ୍କ ଆଶିଷ ଲାଭ କରିବା ସଙ୍ଗେ ସଙ୍ଗେ ଦେବଦେବୀଙ୍କୁ ବକୁଳଯୁକ୍ତ ନୈବେଦ୍ୟ ଅର୍ପଣ କରି ବିଭୁକୃପା ପ୍ରାପ୍ତ କରାଯାଇଥାଏ ।



ଶ୍ରୀମନ୍ଦିରରେ ପ୍ରାତଃ ମଙ୍ଗଳ ଆଳତି, ଅବକାଶ ବଢ଼ିବା ପରେ ବେଶ ହେବା ସମୟରେ ମହାପ୍ରଭୁଙ୍କୁ ଖଣ୍ଡେ ଆଜ୍ଞାମାଳ ଲାଗି କରାଯାଇଥାଏ । ବଲ୍ଲଭ ଶେଷ ହୋଇ ସକାଳ ଧୂପ ଉଠିବା ସମୟରେ ରୋଷରୁ ବଉଳ ଗଇଁଠା ତିନିତାଟ ଛାମୁକୁ ଆସେ, ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ ଲଗାଇଥାନ୍ତି । ଟେରା ଫିଟି ଆଳତି ବଢ଼ିବା ପରେ ତାଟ ଭିତରେ ଥାଇ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରନ୍ତି । ତତ୍ପରେ ମହାପ୍ରସାଦ ବାହାରି ପାଣି ପଡ଼ିବା ପରେ ଦକ୍ଷିଣି ଘରୁ ଶ୍ରୀନାରାୟଣଙ୍କୁ ରତ୍ନ ସିଂହାସନ ଉପରେ ବିଜେ କରାଯାଇଥାଏ । ପୂଜାପଣ୍ଡା ଶ୍ରୀଜୀଉଙ୍କ ଠାରୁ ଆଜ୍ଞାମାଳ ଆଣି ଶ୍ରୀନରାୟଣଙ୍କୁ ଲାଗି କଲାପରେ ମହାଜନେ ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାନ୍ତି । ପାଲିଙ୍କିକୁ ବିମାନବଡୁମାନେ ଉଆଁସ ଦାଣ୍ଡ ଦେଇ ସାଗରତଟସ୍ଥ ସ୍ୱର୍ଗଦ୍ୱାର ଠାକୁ ନିଅନ୍ତି । ସେଠାରେ ନିର୍ଦ୍ଧାରିତ ନୀତି ସମାପନ ପରେ ଠାକୁରଙ୍କ ବାହୁଡ଼ା ବିଜେ ହୋଇ ଯମେଶ୍ୱର ମନ୍ଦିର, ହରଚଣ୍ଡୀ ସାହି ଦେଇ ହୋଇଥାଏ । ପୁନଃ ଶ୍ରୀନାରାୟଣ ଦକ୍ଷିଣି ଘରେ ବିଜେ କରିଥାନ୍ତି ।


● *ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଦେବ ଦୀପାବଳୀ ଆରମ୍ଭ :

ତା ୩.୧୨.୨୧ ରିଖ ଶୁକ୍ରବାର ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ତିଥି ଅବସରରେ ସଂଧ୍ୟାଧୂପ ଶେଷ ହେବା ପରେ ଶୁଦ୍ଧସୁଆରଙ୍କ ଦ୍ୱାରା ସିଂହାସନ ତଳେ ଧୁଆଧୋଇ ହୋଇ ପୋଛ ମରାଯାଇଥିଲା । ପରେ ଭଣ୍ଡାର ମେକାପ



ଘଉଳରେ ଗୋଟିଏ ଗଛ କରିବା ସଙ୍ଗେ ସଙ୍ଗେ ପାଳିଆ ମେକାପ ବଇଠାରେ ଘିଅ ଦେଇ ଗଛମାନଙ୍କରେ ବତୀ ଲଗାଇଥିଲେ । ପରଂପରା ଅନୁଯାୟୀ ୩ଟି ସୁନା ଆଳତି ଲଗାଇଥିଲେ । ଏହାପରେ ପୂଜାପଣ୍ଡା ଉକ୍ତ ଘଉଳଗଛ, ଦୀପ ସମୂହକୁ ସଂସ୍କାର କରି ପାଣି ପକାଇବା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ବନ୍ଦାପନା ନୀତି ବଢ଼ିଥିଲା । ବନ୍ଦାପନା ସରିଲା ପରେ ୩ ଜଣ ପାଳିଆ ପୂଜାପଣ୍ଡା 'ମହାଦୀପ' ଆଳତି କରିଥିଲେ ଓ ଜୟବିଜୟ ଦ୍ୱାର ନିକଟରେ ପାଳିଆ ପଢ଼ିଆରୀ କରିଥିବା ଘଉଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କରିଥିଲେ । ପରେ ୩ଜଣ ପୂଜାପଣ୍ଡା ଉକ୍ତ ମହାଦୀପକୁ ଆଣି ପାଳିଆ ଚୂନରା ହାତରେ ଦେଇଥିଲେ । ପାଳିଆ ଚୂନରା ତେଲ ଓ ଘିଅ ନେଇ ମନ୍ଦିର ଉପର ୩ ଦେଉଳରେ ଦୀପମାନ ଲଗାଇଥିଲେ ଏବଂ ଚନ୍ଦ୍ର ଉଦିଆ ଜାଳି ରାଜାଙ୍କୁ ଆଶୀର୍ବାଦ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀବିଗ୍ରହମାନଙ୍କର 'ଶ୍ରାଦ୍ଧବେଶ' ଅନୁଷ୍ଠିତ ହୋଇଥାଏ । ଏହି ବେଶରେ ମହାପ୍ରଭୁ ପିତୃପୁରୁଷଙ୍କୁ ପିଣ୍ଡ ଦାନ କରିଥାନ୍ତି ।

## ଶ୍ରୀମନ୍ଦିରରେ ମଧ ଦେବ ଦୀପାବଳୀ ଅମାବାସ୍ୟା :

ତା. ୪.୧୨.୨୧ ରିଖ ଶନିବାର ମାର୍ଗଶୀର ଅମାବାସ୍ୟା ନିମନ୍ତେ ସକାଳଧୂପ ସରି ପାଣିପଢ଼ିଲା ପରେ ଦକ୍ଷିଣ ଘରୁ ଅମାବାସ୍ୟା ଠାକୁର ସିଂହାସନକୁ ବିଜେ କରି ସେଠାରୁ 'ଆଜ୍ଞାମାଳ' ପାଇବାରେ ପାଲିଙ୍କିକୁ ବିଜେ କରିଥିଲେ । ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାରସ୍ଥ ଘାଟକୁ ବିଜେ ହୁଅନ୍ତେ ଶୀତଳଭୋଗ, ବନ୍ଦାପନା ହୋଇ ଗୌଡ଼ବାଡ଼ ସାହି, ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ଏବଂ ସଂଧ୍ୟାଧୂପ ସରିଲା ପରେ ଶୁଦ୍ଧସୁଆର ସିଂହାସନ ତଳେ ପୋଛ ମାରିଥିଲେ । ଭଣ୍ଡାର ମେକାପ ଘଉଳରେ ଗୋଟିଏ ଗଛ କରିବା ପରେ ପାଳିଆ ମେକାପ ବଇଠାମାନଙ୍କରେ ଘିଅ ଦେଇ ଗଛମାନଙ୍କରେ ବତୀ ଲଗାଇଥିଲେ । ଏଥିରେ ୩ ଗୋଟି ସୁନା ଆଳତି ଲଗାଇବା ପରେ ୩ଜଣ ପାଳିଆ ପୂଜାପଣ୍ଡା ସଂସ୍କାର କରିଥିଲେ । ଏହାପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସିଂହାସନକୁ ଯାଇ ବନ୍ଦାପନା କରିଥିଲେ । ପୁନର୍ବାର ୩ଜଣ ପାଳିଆ ପୂଜାପଣ୍ଡା ମହାଦୀପ ହାତରେ ଧରି ଜୟବିଜୟ ଦ୍ୱାର ଭିତର ପାଖେ ଆସ୍ଥାନ ପଢ଼ିଆରୀ ପୂର୍ବରୁ କରିଥିବା ଘଉଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କଲାପରେ, ତିନିଗୋଟି ମହାଦୀପକୁ ପୂଜାପଣ୍ଡା 'ନୀଳଚକ୍ର'କୁ ଦେଖାଇ ପାଳିଆ ଚୂନରାକୁ ଦେଇଥିଲେ । ପାଳିଆ ଚୂନରା ଉକ୍ତ ମହାଦୀପ ସହିତ ତେଲ, ଘିଅ ନେଇ ମନ୍ଦିର ଉପରେ ଦୀପମାନ ଓ ଚନ୍ଦ୍ରଉଦିଆ ଜାଳି ରାଜାଙ୍କୁ ଆଶୀର୍ବାଦ କରିଥିଲେ ।

## ଶ୍ରୀମନ୍ଦିରରେ ଶେଷ ଦେବ ଦୀପାବଳୀ ଉତ୍ସବ :

ତା. ୫.୧୨.୨୧ ରିଖ ରବିବାର ଦେବଦୀପାବଳୀ ସମାପନ ନିମନ୍ତେ ପୂର୍ବଦିନ ପରି ଘଉଳ ଗଛ ହେବା ପରେ ଦକ୍ଷିଣଘରୁ ଶ୍ରୀମଦନମୋହନ ସିଂହାସନକୁ ବିଜେ କରିଥିଲେ । ମୁଦିରସ୍ତ ପ୍ରସାଦ ଲାଗି କଲାପରେ ୩ଜଣ ପୂଜାପଣ୍ଡା ସଂସ୍କାର କରିଥିଲେ । ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସିଂହାସନ ଉପରକୁ ଯାଇ ବନ୍ଦାପନା ନୀତି କରି ଓହ୍ଲାଇଥିଲେ । ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ଠାକୁର, ଠାକୁରାଣୀଙ୍କୁ ହାତରେ ବିଜେ କରାଇ ଜୟବିଜୟ ଦ୍ୱାର ଭିତର ପାଖେ ହୋଇଥିବା ଘଉଳ



ଗଛ ନିକଟରେ ଛିଡ଼ା ହୋଇଥିଲେ । ଏଠାରେ ପୂଜାପଣ୍ଡା ଉକ୍ତ ଘଉଳ ଗଛକୁ ସଂସ୍କାର କରିଥିଲେ । ପଢ଼ିଆରୀ ଜୟବିଜୟ ଦ୍ୱାର ଫିଟାଇଲା ପରେ ମହାଜନମାନେ ବିଅଁମାନଙ୍କୁ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇଥିଲେ । ରୁନ୍ଧାବଢ଼ି, ମାଳଫୁଲ ଲାଗି ହୋଇ ବିମାନବଡୁମାନଙ୍କ ଦ୍ୱାରା ବିମାନ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରିଥିଲେ । ସେଠାର ମୂଳିଆ ସୁଆଁସିଆରେ ଦେଇଥିବା କାଠ ଭଦ୍ରାସନ ଉପରେ ଆସ୍ଥାନ ପଢ଼ିଆରୀ କରିଥିବା ଘଉଳ ଗଛରେ ଦୀପ ବସାଇଥିଲେ । ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ଘଉଳ ଗଛକୁ ସଂସ୍କାର କରିଥିଲେ । ଏହାପରେ ମୁଦିରସ୍ତ ବନ୍ଦାପନା କଲାପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଓଢ଼ଣ ବା ପ୍ରାବରଣ ଷଷ୍ଠୀ :

ତା. ୯.୧୨.୨୧ ରିଖ ଗୁରୁବାର ମାର୍ଗଶୀର ଶୁକ୍ଳ ଷଷ୍ଠୀ ତଥା ଓଢ଼ଣ ଷଷ୍ଠୀ ଅବସରରେ ଦୈନନ୍ଦିନ ନୀତି ପ୍ରକାରେ ସକାଳ ଧୂପ ସରି ପାଣିପଢ଼ିଲା ପରେ ପାଳିଆ ପୁଷ୍ପାଳକଙ୍କ ଦ୍ୱାରା ମୈଲମ ହୋଇଥିଲା । ଏହାପରେ ଭୋଗମଣ୍ଡପ ଘରେ ପୂର୍ବ ରାତ୍ରରେ ଅଧିବାସ ହୋଇ ରହିଥିବା ଘୋଡ଼ ଘଙ୍ଗୁଡ଼ିକୁ ୩ଜଣ ପାଳିଆ ପୁଷ୍ପାଳକ ଏବଂ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ହାତରେ ଧରି ଘଣ୍ଟ, ଛତା, କାହାଳୀ ପଟୁଆରରେ ୩ ବେଢ଼ା ପରିକ୍ରମା କରି ସିଂହାସନକୁ ବିଜେ କରାଇଥିଲେ । ପାଗ ଓ ଘୋଡ଼ ଲାଗି ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ିଥିଲା ଏବଂ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ । ଏହା ପରେ ପାଣିପଢ଼ି ମଧ୍ୟାହ୍ନ ଧୂପ ହୋଇଥିଲା ।

## ଶ୍ରୀମନ୍ଦିରରେ ପଣ୍ଡୁ ପୂର୍ଣ୍ଣିମା ଓ ନୃସିଂହ ବିଜେ :

ତା. ୧୭.୧୨.୨୧ ରିଖ ଶୁକ୍ରବାର ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପୁଷ୍ପାଳକ ସେବକମାନେ ମଇଲମ ଓ ବେଶ କରିଥିଲେ । ଏହି ବେଶ ସମୟରେ ୧ ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା । ମଧ୍ୟାହ୍ନ ଧୂପ ଓ ଦକ୍ଷିଣି ଘର ଭୋଗ ଶେଷ ହେବା ପରେ ମହାଜନ ସେବକମାନେ ଦକ୍ଷିଣ ଘରୁ ପଣ୍ଡୁ ନୃସିଂହଦେବଙ୍କୁ ରତ୍ନସିଂହାସନକୁ ବିଜେ କରାଇ, ଆଜ୍ଞାମାଳ ପ୍ରାପ୍ତି ପରେ ମୁକ୍ତିମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇଥିଲେ । ବିମାନବଡୁମାନେ ବିମାନଙ୍କୁ 'ଘରି ଆଶ୍ରମ' ଭ୍ରମଣ କରାଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

(୧) ଶ୍ରୀମଦନମୋହନ : ରୁକ୍ମିଣୀ ହରଣ ଓ ବିବାହର ପୂର୍ବଦିନ ଓ ପରଦିନ ଶ୍ରୀମଦନମୋହନଙ୍କର ସ୍ୱତନ୍ତ୍ର ନୀତିମାନ ଅନୁଷ୍ଠିତ ହୋଇଥାଏ । ରୁକ୍ମିଣୀ ହରଣ ପୂର୍ବଦିନ ଜ୍ୟେଷ୍ଠ ଶୁକ୍ଳ ଦଶମୀ ତିଥିରେ ରାଜେନ୍ଦ୍ରାଭିଷେକ ନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ । ଏହିଦିନ ସନ୍ଧ୍ୟାଧୂପ ପରେ ଶ୍ରୀମଦନମୋହନ ଶ୍ରୀଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ପାଇ ଭୋଗ ବାଟ ଗଣେଶଙ୍କ ନିକଟରେ ପଡ଼ିଥିବା ଖଟ ଉପରେ ବିଜେ କରନ୍ତି । ଏହାପରେ ଭିତର ଶୋଧ ହେଲାପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଆଲୋକ ବନ୍ଦ ହେବା ପରେ ଭିତରେ ଠାକୁରମାନଙ୍କର ଆଲଟଲାଗି ହୋଇଥାଏ । ଏହାପରେ ଜଣେ ସେବକ ଡଗର ରୂପେ ଆସି ଶ୍ରୀମଦନମୋହନଙ୍କ ନିକଟରେ ରୁକ୍ମିଣୀ ବିବାହ ପ୍ରସ୍ତାବ ଜଣାଇବା ସହିତ ସ୍ୱୟଂ ମହାପ୍ରଭୁ ରାଜେନ୍ଦ୍ରାଭିଷେକ ହେବା ନିମନ୍ତେ ଅନୁରୋଧ କରନ୍ତି । ଏହାପରେ ଶ୍ରୀମଦନମୋହନ ହାତରେ ବିଜେ ହୋଇ ବଟମୂଳରେ ଥିବା ରଥ ଆରୋହଣ କରନ୍ତି । ରଥ ଏକଘେରା ଶ୍ରୀମନ୍ଦିର ପ୍ରଦକ୍ଷିଣ କରି ସେହି ବଟମୂଳକୁ ଆସିଥାଏ । ଜଣେ ସେବକ କୁତକୌତୁଳ ଋଷି ଭାବରେ, ଦୟଣାମାଳି ଦେଇଥିବା ଶୁକ୍ଳ ଫୁଲ, ପାଳିଆ ଖୁଣ୍ଟିଆଠାରୁ ନେଇ ଆଞ୍ଜୁଳି କରି ରାସ୍ତାଯାକ ପକାଇ ଥରକୁ ଥର ଦଣ୍ଡ ପ୍ରଣାମ କରି ମଦନମୋହନଦେବଙ୍କୁ ତାହାଙ୍କ ଆଶ୍ରମ ଦକ୍ଷିଣ ଘରକୁ ପାଛୋଟି ନେଇଥାନ୍ତି । ଏଠାରେ ଖଟ ଉପରେ ବିଜେ ହେବା ପରେ ଶ୍ରୀମଦନମୋହନଙ୍କର ପଞ୍ଚାମୃତ ମହାସ୍ନାନ ଅନୁଷ୍ଠିତ ହୋଇଥାଏ । ଏହି ସମୟରେ ଛତି ଟେକା ଯାଇଥାଏ । ଘଣ୍ଟ, କାହାଳୀ, ମହୁରୀ ପ୍ରଭୃତି ବାଜିଥାଏ । ମହାସ୍ନାନ ପରେ ଫୁଲ ଚନ୍ଦନ ଲାଗି ହୋଇ ବେଶ ବଢ଼େ । କ୍ଷୀରି, ଅମାଲୁ ପ୍ରଭୃତି ଶୀତଳଭୋଗ ବଢ଼ି ବନ୍ଦାପନା ସରିଲେ ଶ୍ରୀମଦନମୋହନ ଦକ୍ଷିଣଘରକୁ ବିଜେ କରନ୍ତି । ଏହିପରି ଭାବରେ ରୁକ୍ମିଣୀ ହରଣ ପୂର୍ବଦିନ ଶ୍ରୀମଦନମୋହନ ଦେବଙ୍କର ରାଜେନ୍ଦ୍ରାଭିଷେକ ଉତ୍ସବ ଶ୍ରୀମନ୍ଦିରରେ ପାଳିତ ହୋଇଥାଏ ।



ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ରୁକ୍ମିଣୀ ହରଣ ଓ ବିବାହୋତ୍ସବ ସମ୍ପନ୍ନ ହେବା ପରେ ଦ୍ୱାଦଶୀ ତିଥିରେ ଚମ୍ପକ ଦ୍ୱାଦଶୀ ନୀତି ପାଳିତ ହୋଇଥାଏ । ପରମ୍ପରା ଅନୁଯାୟୀ ରୁକ୍ମିଣୀ ହରଣ ଓ ବିବାହୋତ୍ସବ ପରଦିନ ମହାପ୍ରଭୁଙ୍କର ଗୁଆଲି ଉତ୍ସବ ଅନୁଷ୍ଠିତ ହୋଇଥାଏ । ଏହିଦିନ ଠାକୁରମାନଙ୍କର ମଙ୍ଗଳ ଆରତି ବଢ଼ିବା ପରେ ବରକନ୍ୟା (ଶ୍ରୀମଦନମୋହନ ଓ ଶ୍ରୀଦେବୀ) ହାତରେ ବିଜେ ହୋଇ ଆସି ଦକ୍ଷିଣ ଘରେ ପ୍ରସ୍ତୁତ ଥିବା ଖଟଶେଯ ଉପରେ ବିଜେ କଲେ ଭିତରର ଅବକାଶ ପ୍ରଭୃତି ଦୈନନ୍ଦିନ ନୀତି ଅନୁଷ୍ଠିତ ହୁଏ । ସକାଳଧୂପ ଓ ଭୋଗମଣ୍ଡପ ସରିବା ପରେ ଆଲଟ ଲାଗି ବଢ଼େ । ଏହାପରେ ସର୍ବାଙ୍ଗ ଓ ବେଶ ବଢ଼ିବା ପରେ ମଧ୍ୟାହ୍ନ ଧୂପ ସରି ପାଣି ପଡ଼ିବା ଉତ୍ତାରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ (ବରକନ୍ୟା) ରତ୍ନସିଂହାସନକୁ ବିଜେ କରିବା ପରେ ଏଠାରେ ବନ୍ଦାପନା ହୁଏ । ଶ୍ରୀଜଗନ୍ନାଥଙ୍କ ଠାରୁ ଆଜ୍ଞମାଳ ପାଇ ଶ୍ରୀମଦନମୋହନ ଓ ଶ୍ରୀଦେବୀ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରନ୍ତି । ବିମାନବଡୁ ସେବକମାନେ ଏହି ପାଲିଙ୍କିକୁ କାନ୍ଧେଇ ବଡ଼ଦେଉଳ ଘରିପାଖରେ ବେଢ଼ାଏ ବୁଲି ସିଂହଦ୍ୱାର ଦେଇ ରାଜାଙ୍କ ଶ୍ରୀନଅରକୁ ବିଜେ କରାଇଥାନ୍ତି । ଗଜପତି ମହାରାଜା ନିଜେ ବରକନ୍ୟାଙ୍କୁ ବାଟରୁ ନଅର ଅଗଣା ପର୍ଯ୍ୟନ୍ତ ପାଛୋଟି ନିଅନ୍ତି । ଶ୍ରୀମଦନମୋହନ ଓ ଶ୍ରୀଦେବୀ ନଅର ଅଗଣାରେ ସଜ୍ଜିତ ଥିବା ଖଟରେ ବିଜେ କରନ୍ତି । ଏଠାରେ ପଞ୍ଚୋପଘର ବିଧିରେ ନାନା ପ୍ରକାର ପିଠା ମଣୋହି ହୁଏ । ପ୍ରସାଦ ଲାଗି ଓ ବନ୍ଦାପନା କରାଯାଏ । ଗଜପତି ମହାରାଜା ବନ୍ଦାପନା ଓ ଘମର ଆଲଟ ଲାଗି କରନ୍ତି । ଏହାପରେ ରାଜନଅର ଶୋଧ ହେଲେ ରାଣୀ ଓ ରାଜପରିବାରର ଲୋକ ବରକନ୍ୟାଙ୍କୁ ବନ୍ଦାପନା କରି ଭେଟ ଦିଅନ୍ତି । ଏ ସମସ୍ତ କାର୍ଯ୍ୟ ସରିଲେ ଶ୍ରୀନଅରର ସିଂହଦ୍ୱାର ଖୋଲେ । ଶ୍ରୀମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିକୁ ବିଜେ କରନ୍ତି । ବିମାନବଡୁ ସେବକମାନେ ପାଲିଙ୍କିକୁ କାନ୍ଧେଇ ଶ୍ରୀଯମେଶ୍ୱର ମନ୍ଦିରକୁ ନେଇଯାନ୍ତି । ଏଠାରେ ପଞ୍ଚଗ୍ରାସୀ ଭୋଗ ଓ ବନ୍ଦାପନା ବଢ଼ିଲେ ଶ୍ରୀମଦନମୋହନ ବାହୁଡ଼ା ବିଜେ କରି ଦକ୍ଷିଣ ଘରକୁ ଯାଆନ୍ତି । ଠାକୁର ଠାକୁରାଣୀଙ୍କର ବାହୁଡ଼ା ବିଜେ ପରେ ଭିତରେ ଆଲଟ ଲାଗି ଓ ଚନ୍ଦନ ଲାଗି ଶେଷ ହୁଏ । ବଡ଼ସିଂହାର ଭୋଗ ଶେଷ ହେବା ପରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ଭିତରକୁ ବିଜେ କଲେ ଅନ୍ୟାନ୍ୟ ନୀତି ବଢ଼ି ପହୁଡ଼ ହୋଇଥାଏ ।

ଜ୍ୟେଷ୍ଠମାସ ପୂର୍ଣ୍ଣିମା ତିଥିରେ ମହାପ୍ରଭୁଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥାଏ । ଜ୍ୟେଷ୍ଠପୂର୍ଣ୍ଣିମା ପୂର୍ବଦିନ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ନୀତି ମଧ୍ୟାହ୍ନ ସମୟରୁ ସାରି ଦିଆଯାଇ ଦେବବିଗ୍ରହମାନଙ୍କ ମୁଖ ବସ୍ତ୍ରାଚ୍ଛାଦିତ ହେବାପରେ ରତ୍ନସିଂହାସନରୁ ସ୍ନାନଯାତ୍ରା ନିମନ୍ତେ ଘରମାଳ ବନ୍ଧା କାର୍ଯ୍ୟ ସମ୍ପାଦିତ ହୋଇଥାଏ । ଏହି କାର୍ଯ୍ୟଗୁଡ଼ିକ ଶେଷ ହୋଇ ମହାସ୍ନାନ ଓ ବେଶାଦି ବଢ଼େ ଏବଂ ରାତ୍ର ବଡ଼ସିଂହାର ସରି ପହୁଡ଼ ଆଳତି ବଢ଼ିବା ପରେ ଶ୍ରୀଜୀଉଙ୍କର ନିଦ୍ରାଭଙ୍ଗ କରାଯାଇ ଶ୍ରୀଦେବୀ ଓ ଶ୍ରୀମଦନମୋହନ ଦକ୍ଷିଣ ଘରକୁ ଏବଂ ସରସ୍ୱତୀ ଓ ମାଧବ ଖଟଶେଯ ଘରକୁ ବିଜେ ହୁଅନ୍ତି । ମଙ୍ଗଳାର୍ପଣ ଡୋରଲାଗି ପ୍ରଭୃତି ନୀତି ବଢ଼ିବା ପରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଯଥାକ୍ରମେ ସ୍ନାନବେଦୀକୁ ଯାତ୍ରା କରିବା ପରେ ଶ୍ରୀମଦନମୋହନ ସ୍ନାନ ବେଦୀକୁ ବିଜେ କରନ୍ତି । ସ୍ନାନବେଦୀରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଅନ୍ୟାନ୍ୟ ନୀତି ବଢ଼ି ଗଜାନନ ବେଶ ହେବା ପରେ ସକାଳଧୂପ ଅନୁଷ୍ଠିତ ହୋଇଥାଏ । ଠାକୁରମାନଙ୍କର ମଇଲମ ବଢ଼ି ପୁଷ୍ପାଞ୍ଜଳି ପରେ ଡୋରଲାଗି ହୋଇଥାଏ । ଏହାପରେ ବିଜେ କାହାଳୀ ବାଜିଲେ ସର୍ବପ୍ରଥମେ ଶ୍ରୀମଦନମୋହନଙ୍କୁ ମହାଜନ ସେବକମାନେ ହାତରେ ନେଇ ଦକ୍ଷିଣ ଘରେ ରଖିଥାନ୍ତି । ଠାକୁରମାନେ ଅଣସର ଘରେ ବିଜେ ହେଲେ ତାଟି ବାହାରେ ପଡ଼ିଥିବା ଖଟ ଉପରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଦୋଳଗୋବିନ୍ଦଙ୍କ ସହ ଶ୍ରୀମଦନମୋହନ ବିଜେ କରିଥାନ୍ତି ।

(କ୍ରମଶଃ)

*ଡ. ନରେଶ ଚନ୍ଦ୍ର ଦାଶ, ମହାସଚିବ,*
*ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।
*ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଶ୍ରୀକ୍ଷେତ୍ର ସଂପର୍କରେ ବିଭିନ୍ନ ମତବାଦ

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

କୃଷ୍ଣ-ଉପାସକ ବୈଷ୍ଣବମାନେ ଏହି ତିନି ମୂର୍ତ୍ତିଙ୍କୁ ଭଗବାନ ଶ୍ରୀକୃଷ୍ଣ, ତାଙ୍କର ବଡ଼ଭାଇ ବଳରାମ ଓ ଭଉଣୀ ସୁଭଦ୍ରା ବୋଲି ଗ୍ରହଣ କରନ୍ତି । ରାମୋପାସକମାନେ ଏମାନଙ୍କୁ ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତା କହନ୍ତି । କିନ୍ତୁ ବଳଭଦ୍ରଙ୍କର ବାଡ଼କୁ ବଡ଼ବାଡ଼ ଓ ସେହି ଦେବତାଙ୍କୁ ବଡ଼ଠାକୁର କୁହାଯାଏ । ବୌଦ୍ଧମାନେ ଏହି ତିନିମୂର୍ତ୍ତିଙ୍କୁ ବୁଦ୍ଧ, ଧର୍ମ ଓ ସଂଘ ବୋଲି ପ୍ରକାଶ କରନ୍ତି । ସେମାନଙ୍କ ମତରେ ଧର୍ମ ସ୍ତ୍ରୀରୂପ ହୋଇଥିବାରୁ ଦୁଇ ପୁରୁଷଙ୍କ ମଧ୍ୟରେ ଅବସ୍ଥିତ । ଆଉ କେତେକ ଆଲୋଚକ ଜଗନ୍ନାଥଙ୍କୁ ବିଷ୍ଣୁ, ବଳଭଦ୍ରଙ୍କୁ ଶିବ ଓ ସୁଭଦ୍ରାଙ୍କୁ ଦୁର୍ଗା ବା ପାର୍ବତୀ ରୂପରେ ସ୍ୱୀକାର କରନ୍ତି । ସ୍କନ୍ଦ ପୁରାଣରେ ସୁଭଦ୍ରାଙ୍କୁ ଲକ୍ଷ୍ମୀରୂପିଣୀ କୁହାଯାଇଛି । ସାରଳାଦାସଙ୍କ ମତରେ ସୁଭଦ୍ରା ହେଉଛନ୍ତି ବ୍ରହ୍ମା । ସେ ଆଦିମାତାଙ୍କ ଅଭିଶାପ ଯୋଗୁ ସ୍ତ୍ରୀରୂପ ଗ୍ରହଣ କରି ରହିଛନ୍ତି । ରଥଯାତ୍ରା ସମୟରେ ତିନି ରଥରେ ଯେଉଁ ପାର୍ଶ୍ୱଦେବତାମାନଙ୍କର ମୂର୍ତ୍ତି ସ୍ଥାପନ କରାଯାଏ, ତହିଁରୁ ଜଗନ୍ନାଥଙ୍କ ରଥରେ ବିଷ୍ଣୁ-କୃଷ୍ଣଙ୍କର, ବଳଭଦ୍ର ରଥରେ ଶିବଙ୍କର ଓ ସୁଭଦ୍ରାଙ୍କ ରଥରେ ଦୁର୍ଗା-ପାର୍ବତୀଙ୍କର ବିଭିନ୍ନ ସ୍ୱରୂପ ଓ ଅବତାରର ମୂର୍ତ୍ତି ରହେ । ନୀଳାଦ୍ରି-ମହୋଦୟ ଅନୁସାରେ ଜଗନ୍ନାଥଙ୍କୁ ଗୋପୀଜନ ବଲ୍ଲଭ କୃଷ୍ଣ ରୂପରେ, ବଳଭଦ୍ରଙ୍କୁ ବାସୁଦେବ ରୂପରେ ଓ ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ରୂପରେ ପୂଜା କରିବାକୁ ବିଧାନ କରାଯାଇଛି ।



ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପ୍ରତିମାମାନଙ୍କର ବିଗ୍ରହ ତତ୍ତ୍ୱ ଏକ ଦୁରୂହ ବ୍ୟାପାର, କାରଣ ଭାରତର ଅନ୍ୟ କୌଣସି ସ୍ଥାନରେ ଏପରି ରହସ୍ୟଜନକ ପ୍ରତିମାଙ୍କର ପୂଜା ହେବା ଦୃଷ୍ଟି ଗୋଚର ହୁଏ ନାହିଁ ।

## ଶ୍ରୀକ୍ଷେତ୍ରର ବିଭିନ୍ନ ନାମ

ପୂର୍ବରୁ କୁହାଯାଇଛି, ପ୍ରାଚୀନ ପୁରାଣ, କାବ୍ୟ ଓ ଅଭିଲେଖ ପ୍ରଭୃତିରେ ଶ୍ରୀଜଗନ୍ନାଥଙ୍କୁ ପୁରୁଷୋତ୍ତମ ନାମରେ ଓ କ୍ଷେତ୍ରକୁ ପୁରୁଷୋତ୍ତମ କ୍ଷେତ୍ରନାମରେ ଅଭିହିତ କରାଯାଇଛି । ଋଗ୍‌ବେଦ, ବିଭିନ୍ନ ଉପନିଷଦ ଓ ଭାଗବତ ପୁରାଣରେ ବର୍ଣ୍ଣିତ ପୁରୁଷ ଦେବତା ଓ ମହାଭାରତ, ଗୀତା, ବିଷ୍ଣୁସହସ୍ରନାମ ପ୍ରଭୃତିରେ ସୂଚିତ ପୁରୁଷୋତ୍ତମ ଦେବତାଙ୍କ ନାମ ଅନୁସାରେ ଏହାଙ୍କୁ ପୁରୁଷୋତ୍ତମ କୁହାଯାଏ । ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଏହାଙ୍କୁ ପୁରୁଷୋତ୍ତମ ନାମରେ ପୂଜା କରାଯାଉଥିବା ବିଶ୍ୱାସ କରାଯାଏ । ତାଙ୍କ ପୂର୍ବରୁ ପ୍ରଭୁ ମାଧବ ବା ନୀଳମାଧବ ନାମରେ ପ୍ରସିଦ୍ଧ ଥିଲେ । କେତେକ ପ୍ରାଚନୀ ବୌଦ୍ଧଗ୍ରନ୍ଥ ଓ ତନ୍ତ୍ରଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କର ନାମ ଦେଖିବାକୁ ମିଳେ । ତେଣୁ ପ୍ରଭୁ ଜଗନ୍ନାଥ ଏହି ନାମରେ ମଧ୍ୟ ପ୍ରାଚୀନ କାଳରୁ ପ୍ରସିଦ୍ଧ ଥିବାର କୁହାଯାଏ । କିନ୍ତୁ କେତେକ ଐତିହାସିକ ଓଡ଼ିଶାରେ ଗଙ୍ଗବଂଶ ରାଜତ୍ୱ ସମୟରୁ ତାଙ୍କୁ ଜଗନ୍ନାଥ ନାମରେ ଅଭିହିତ କରାଯାଉଥିବା ପ୍ରକାଶ କରନ୍ତି । ପ୍ରସିଦ୍ଧ ବୈଷ୍ଣବାଚାର୍ଯ୍ୟ ରାମାନୁଜ ଏହାକୁ 'ଶ୍ରୀକ୍ଷେତ୍ର' ନାମରେ ପରିଚିତ କରାଇଥିବା ମଧ୍ୟ ପ୍ରକାଶ କରାଯାଏ । କାରଣ ଶ୍ରୀ ବା ଲକ୍ଷ୍ମୀ ତାଙ୍କର ମୁଖ୍ୟ ଦେବୀ ଓ ତାଙ୍କର ସଂପ୍ରଦାୟର ନାମ ଶ୍ରୀସଂପ୍ରଦାୟ । ଏହି କ୍ଷେତ୍ରଟି ଗୋଟିଏ ନୀଳ ପର୍ବତରେ ସ୍ଥାପିତ ହୋଇଥିବାରୁ ଏହାକୁ ନୀଳାଚଳ, ନୀଳଗିରି, ନୀଳାଦ୍ରି ପ୍ରଭୃତି କୁହାଯାଏ । ପୁଣି ଏହାର ଆକାର ଶଙ୍ଖପରି ହୋଇଥିବାରୁ ଏହାକୁ ଶଙ୍ଖକ୍ଷେତ୍ର ମଧ୍ୟ କୁହାଯାଏ । ଯମଦଣ୍ଡର ଭୟ ଦୂର କରି ଏହା ଯମନିକ ତୀର୍ଥ ନାମେର ମଧ୍ୟ ପ୍ରସିଦ୍ଧ । ପ୍ରଭୁ ବିଷ୍ଣୁ ଏହି କ୍ଷେତ୍ରରେ ଦଶ ଅବତାର ଗ୍ରହଣ କରୁଥିବାରୁ ଏହା ଦଶାବତାର କ୍ଷେତ୍ର ମଧ୍ୟ ଅଟେ । ତାନ୍ତ୍ରିକମାନେ ଏହାକୁ ଉଡ୍ଡୀୟାନ ପୀଠ ବୋଲି ମଧ୍ୟ କହନ୍ତି ।

## ଶ୍ରୀକ୍ଷେତ୍ରର ଉତ୍ପତ୍ତି

ସ୍କନ୍ଦ ପୁରାଣର ବର୍ଣ୍ଣନା ଅନୁସାରେ ସତ୍ୟଯୁଗରେ ମାଳବ ଦେଶରେ ଇନ୍ଦ୍ରଦ୍ୟୁମ୍ନ ନାମରେ ଜଣେ ସାର୍ବଭୌମ ରାଜା ଥିଲେ । ସେ ସତ୍ୟ, ଧର୍ମ ଓ ନ୍ୟାୟପରାୟଣ ହେବା ସଙ୍ଗେ ସଙ୍ଗେ ବିଷ୍ଣୁଭକ୍ତ ଥିଲେ । ଦିନେ ସେ ତୀର୍ଥଯାତ୍ରୀମାନଙ୍କ ଠାରୁ ଶୁଣିଲେ ଯେ ଏହି କ୍ଷେତ୍ରରେ ଭଗବାନ ବିଷ୍ଣୁ ନୀଳମାଧବ ରୂପରେ ଶବରମାନଙ୍କ ଦ୍ୱାରା ଗୁପ୍ତରେ ପୂଜିତ ହେଉଛନ୍ତି । ତେଣୁ ରାଜା ତାଙ୍କର ପୁରୋହିତମାନଙ୍କର ଭାଇ ବିଦ୍ୟାପତିଙ୍କୁ ଏହି ଦେବତାଙ୍କର ସନ୍ଧାନରେ ପଠାଇଲେ । ବିଦ୍ୟାପତି ଏହି କ୍ଷେତ୍ରକୁ ଆସି, ଶବର ରାଜା ବିଶ୍ୱାବସୁଙ୍କୁ ଭେଟିଲେ ଓ ତାଙ୍କଦ୍ୱାରା ପୂଜିତ ନୀଳମାଧବଙ୍କୁ ଦର୍ଶନ କଲେ । ବିଦ୍ୟାପତିଙ୍କଠାରୁ ସମ୍ବାଦ ପାଇ ଇନ୍ଦ୍ରଦ୍ୟୁମ୍ନ ଏଠାକୁ ଆସିବା ପାଇଁ ଉଦ୍ୟତ ହେଲେ ଓ ସେହି ସମୟରେ ଦେବର୍ଷି ନାରଦ ମଧ୍ୟ ବ୍ରହ୍ମାଙ୍କ ଆଦେଶରେ ରାଜାଙ୍କୁ ସାହାଯ୍ୟ କରିବାକୁ ଉପସ୍ଥିତ ହେଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ନିଜର ପରିବାର ବର୍ଗ ତଥା ସୈନ୍ୟ-ସାମନ୍ତ ପ୍ରଭୃତିଙ୍କ ସହିତ ନାରଦଙ୍କ ସଙ୍ଗରେ ଏହି କ୍ଷେତ୍ରରେ ପହଞ୍ଚିବା ବେଳକୁ ସେହି ନୀଳମାଧବ ମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ଏହା ଶୁଣି ରାଜା ଇନ୍ଦ୍ରଦ୍ୟୁମ୍ନ ବ୍ୟାକୁଳ ହେବାରୁ ନାରଦ ତାଙ୍କୁ ଆଶ୍ୱାସନା ଦେଲେ ଯେ ଏଠାରେ ପ୍ରଭୁ ଜଗନ୍ନାଥ ଦାରୁବ୍ରହ୍ମ ରୂପରେ ପୂଜା ପାଇବେ, ଏ କଥା ତାଙ୍କୁ ବ୍ରହ୍ମା କହି ଏଠାକୁ ପଠାଇଛନ୍ତି । ଇନ୍ଦ୍ରଦ୍ୟୁମ୍ନ ଆଶ୍ୱସ୍ତ ହୋଇ 'ମହାଦେବୀ' ବା ଗୁଣ୍ଡିଚାମଣ୍ଡପ ଠାରେ ସହସ୍ର ଅଶ୍ୱମେଧ ଯଜ୍ଞ କଲେ । ଯଜ୍ଞ ଶେଷ ହେବା ବେଳକୁ ସମୁଦ୍ରକୂଳରେ ଗୋଟିଏ ବୃକ୍ଷ ଭାସୁଥିବାର ଦେଖାଗଲା । ନାରଦଙ୍କ ପରାମର୍ଶରେ ରାଜା ସେହି ବୃକ୍ଷକୁ କଟାଇ ତାହାର ଗଣ୍ଡିକୁ ସେହି ମହାବେଦୀକୁ ଅଣାଇଲେ ଓ ତହିଁରେ ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥଙ୍କର ପ୍ରତିମା ନିର୍ମାଣ କରାଇଲେ । ସ୍ୱୟଂ ବିଶ୍ୱକର୍ମା ବଢ଼େଇ ବେଶରେ ଆସି ପନ୍ଦର ଦିନରେ ଏହି ଚାରି ମୂର୍ତ୍ତିଙ୍କୁ ଗଢ଼ି ଦେଲେ । ଇନ୍ଦ୍ରଦ୍ୟୁମ୍ନ ଗୋଟିଏ ମନ୍ଦିର ନିର୍ମାଣ କରାଇ ତହିଁରେ ଏହି ମୂର୍ତ୍ତିମାନଙ୍କୁ ପ୍ରତିଷ୍ଠା କଲେ । ସ୍ୱୟଂ ବ୍ରହ୍ମା ସ୍ୱର୍ଗରୁ ଆସି ଦେବତାମାନଙ୍କର ପ୍ରତିଷ୍ଠା କର୍ମରେ ପୁରୋହିତ ହେଲେ । ଶ୍ରୀଜଗନ୍ନାଥ ସ୍ୱୟଂ ଇନ୍ଦ୍ରଦ୍ୟୁମ୍ନଙ୍କୁ ତାଙ୍କର ନିତ୍ୟପୂଜା ଓ ବିଭିନ୍ନ ଉତ୍ସବର ବିଧି ଉପଦେଶ ଦେଲେ ଓ ଇନ୍ଦ୍ରଦ୍ୟୁମ୍ନ ତାହା ଚଳାଇଲେ । ସେ ଶବରରାଜା ବିଶ୍ୱାବସୁ, ପୁରୋହିତ ବିଦ୍ୟାପତିଙ୍କର ବଂଶଧରମାନଙ୍କୁ ଏବଂ ଆଉ କେତେକ ବ୍ରାହ୍ମଣଙ୍କୁ ଶ୍ରୀଜଗନ୍ନାଥଙ୍କର ସେବାପୂଜାରେ ନିଯୁକ୍ତ କଲେ । ସେହି କାଳଠାରୁ ଶ୍ରୀଜଗନ୍ନାଥଙ୍କର ସବୁ ନୀତି ଓ ଯାନିଯାତ୍ରା ପାଳିତ ହୋଇ ଆସୁଛି ।

(କ୍ରମଶଃ)

*(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

# ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଖୁରିଜଗା' ସେବକଙ୍କ ଭୂମିକା କ'ଣ ?
ଉ - ଶ୍ରୀମନ୍ଦିରରେ ଘଣ୍ଟାଧରି ଦଣ୍ଡଲିତା ସମୟ ନିର୍ଦ୍ଧାରଣ କରୁଥିବା ସେବକ ।

୨. ପ୍ର - ଶ୍ରୀମନ୍ଦିରରେ 'ଖୁରି ନାଏକ' କ'ଣ ଗୁରୁତ୍ୱ ବହନ କରିଥାନ୍ତି?
ଉ - ଗ୍ରହ ବିପ୍ର, ଶ୍ରୀମନ୍ଦିରର ଜ୍ୟୋତିଷ । ପ୍ରତିଦିନ ଅବକାଶ ସମୟରେ ଠାକୁରଙ୍କୁ ସେହି ଦିନର ନକ୍ଷତ୍ର ବିଚାର କରି ଶୁଣାନ୍ତି । ଦୋଳପୂର୍ଣ୍ଣିମାରେ ଶ୍ରୀଛାମୁରେ ପାଞ୍ଜିପାଠ କରନ୍ତି ।

୩. ପ୍ର - ଶ୍ରୀମନ୍ଦିରରେ 'ଖୁରୀ' ଶବ୍ଦର ଅର୍ଥ କ'ଣ ?
ଉ - ସମୟ ମାପିବା ପାଇଁ ବ୍ୟବହୃତ ଛିଦ୍ର ଯୁକ୍ତ ପାତ୍ର । ମାଟିର ଘଡ଼ି । ସମୟର ଏକ ପରିମାପକ । ଛୋଟ ଜଳପାତ୍ର ବିଶେଷ । ଘଡ଼ିରେ ବାଲି ଓ ଜଳ ଦ୍ୱାରା ସମୟ ନିର୍ଦ୍ଧାରିତ ହେବାରୁ ଖୁରୀର ଅର୍ଥ ସମୟ ଭାବରେ ଚିହ୍ନିତ ହୋଇଛି ।

୪. ପ୍ର - ଶ୍ରୀମନ୍ଦିରରେ 'ଖୁସି' ଶବ୍ଦର ଅର୍ଥ କ'ଣ ?
ଉ - ଶ୍ରୀମନ୍ଦିରର ଏକ ପ୍ରକାର ପିଷ୍ଟକ ବିଶେଷ । ଚାଉଳ ଚୁନା ଓ ସିଠାରେ ରେ ତିଆରି ଏକ ପ୍ରକାର ପିଠ । ଶ୍ରୀମନ୍ଦିରର ଗୁଡ଼ିଆ ସେବକମାନେ ଏହାକୁ ତିଆରି କରନ୍ତି ଓ ଶ୍ରୀଜୀଉଙ୍କୁ ମଧ୍ୟ ମକରରେ ଅର୍ପଣ କରାଯାଏ ।

୫. ପ୍ର - ଶ୍ରୀମନ୍ଦିରରେ 'ଖୁଣ୍ଟିଆ ବିଲେଇ ଜଗା' ସେବକଙ୍କ କାର୍ଯ୍ୟ କ'ଣ ?
ଉ - ଭୋଗ ଆସିବା ଠାରୁ ଟେରା ଫିଟିବା ପର୍ଯ୍ୟନ୍ତ ଭୋଗ ଦ୍ରବ୍ୟକୁ ନଜର ଦେବା, ବିଲେଇ ଘଉଡ଼େଇବା ଏମାନଙ୍କ କାର୍ଯ୍ୟ ।

୬. ପ୍ର - ଶ୍ରୀମନ୍ଦିରରେ 'ଖେଇକାର'ଙ୍କ ଭୂମିକା କ'ଣ ?
ଉ - ଶ୍ରୀମନ୍ଦିରର ସେବକମାନେ ଶ୍ରୀଜୀଉଙ୍କ ଭୋଗର ଏକ ଏକ ଅଂଶ ନିଜର ସେବାର ପ୍ରାପ୍ୟ ସ୍ୱରୂପ ନେଇଥାନ୍ତି । ଏହାକୁ ଖେଇ କହନ୍ତି । ଯେଉଁ ସେବକ ଏହି ଖେଇ ଭୋଗର ଅଂଶ ଗ୍ରହଣ କରନ୍ତି ତାଙ୍କୁ ଖେଇକାର ବୋଲି କହନ୍ତି ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା ...*


# ଇଷ୍ଟ ଇଣ୍ଡିଆ କମ୍ପାନୀ ଅମଳରେ ରଥଯାତ୍ରା ଏବଂ ମନ୍ଦିର ସମ୍ପର୍କିତ ସଂବାଦ

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ କାଳରେ ପୁରୀ ରଥଯାତ୍ରାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

## (୧୫) ୧୮୪୧ ମସିହା ରଥଯାତ୍ରା

ରେଭରେଣ୍ଡ ପେଗ୍‌ଙ୍କ 'ହିଷ୍ଟ୍ରି ଅଫ୍ ଦି ଜେନେରାଲ ବାପଟିଷ୍ଟ ମିଶନ'ରେ ଲେସିଙ୍କ ଉକ୍ତି ।

ଜୁନ୍ ୨୫ ତାରିଖ ଦିନ ତିନୋଟି ରଥକୁ ସିଂହଦ୍ୱାର ସମ୍ମୁଖକୁ ଅଣା ଯାଇଥିଲା । ଏହି ରଥ ଗୁଡ଼ିକ ଚଉଡ଼ା ବିଲାତି କନା, ଧାତବ ଚକତି ଏବଂ ବିଭିନ୍ନ ପ୍ରକାର ଦେବ ଦେବୀଙ୍କ ମୂର୍ତ୍ତି ଦ୍ୱାରା ସୁସଜ୍ଜିତ କରା ଯାଇଥିଲା । ଅପରାହ୍ଣ ୫ଟା ସମୟରେ ପ୍ରାୟ ୧,୮୦,୦୦୦ ଭକ୍ତ ଓ ପୂଜକମାନଙ୍କର ବଡ଼ ଦାଣ୍ଡର ଦକ୍ଷିଣ ପ୍ରାନ୍ତରେ ଥିବା ରଥ ଚତୁର୍ଦ୍ଦିଗରେ ଏବଂ ମନ୍ଦିର ସାମନାରେ ସମାଗମ ହୋଇଥିଲା । ନିକଟସ୍ଥ ମଠ, ମନ୍ଦିର, ଘରର ଛାତ, ଝୁଲା ବାରନ୍ଦା, ଗଛ ସବୁଠାରେ ଯାତ୍ରୀ ଭର୍ତ୍ତି



ହୋଇଥିଲେ । ସମସ୍ତେ ଅତି ଆଗ୍ରହର ସହିତ ଠାକୁର ଜଗତରନାଥ ତାଙ୍କ ଭାଇ ଓ ଭଉଣୀମାନଙ୍କୁ ନେଇ ବାହାରିବାର ଦୃଶ୍ୟ ଦେଖିବା ପାଇଁ ବ୍ୟଗ୍ର ହୋଇ ରହିଥିଲେ ।

ବୟସ୍କା ମହିଳାମାନେ ଚାମର ଓ ବଡ଼ ବଡ଼ ପଙ୍ଖା ଚାଳନା କରି ସେମାନଙ୍କ ଠାକୁରଙ୍କ ପ୍ରତି ଭକ୍ତି ଅର୍ପଣ କରୁଥିଲେ । ପ୍ରାୟ ୬ଟା ବେଳେ ବଡ଼ ଭାଇ ଏକ ରୌପ୍ୟ ବଳୟ (ଟାହିୟା) ମସ୍ତକରେ ଲଗାଇ ସେବକମାନଙ୍କ ଗହଣରେ ମନ୍ଦିର ଫାଟକ ପାଖରେ ଉପସ୍ଥିତ ହେଲେ । ବଳଭଦ୍ରଙ୍କ ରଥ ମନ୍ଦିର ଫାଟକ ଠାରୁ ଅନତି ଦୂରରେ ଅବସ୍ଥାନ କରିଥିଲା, ତେଣୁ ବିଗ୍ରହଙ୍କୁ ସାମାନ୍ୟ ଅଧିକ ବାଟ ଗମନ କରିବାକୁ ପଡ଼ିଥିଲା ଏବଂ ଅଳ୍ପ ସମୟ ମଧ୍ୟରେ ସେ ତାଙ୍କ ସୁବୃହତ୍ ଯାନରେ ଅବସ୍ଥାନ କରିଥିଲେ । ତାଙ୍କର ପହଣ୍ଡିତ ସମୟରେ ବହୁ ସ୍ଥାନରେ ସେ ବିଶ୍ରାମ ନେଇଥିଲେ । ଭକ୍ତମାନେ ଅତି ଆଗ୍ରହର ସହିତ ସମ୍ମୁଖ ଆଡ଼କୁ ଦଉଡ଼ି ଯାଇ ଭୀଡ଼ ଆଡ଼େଇ ରାସ୍ତା ସଫା କରି ଦେଉଥିଲେ । ସ୍ତ୍ରୀ ଲୋକମାନଙ୍କୁ ସତର୍କ କରି ଦିଆଯାଇଥିଲା । ସେମାନେ ଦୂରରେ ଠିଆ ହୋଇ ଚାମର ଦ୍ୱାରା ଠାକୁରଙ୍କୁ ବିଞ୍ଚୁଥିଲେ । ଠାକୁରଙ୍କ ପବିତ୍ର ଦର୍ଶନ ଜନିତ ଉଷ୍ମ ପରିବେଶ ବଡ଼ ବଡ଼ ପଙ୍ଖା ଦ୍ୱାରା ତାପ ମୁକ୍ତ ହେଉଥିଲା । ଅଫିସର ଏବଂ ଚପରାସୀମାନେ ନିଜକୁ ଚିହ୍ନଟ କରିବା ନିମନ୍ତେ ଗୋଟିଏ ଗୋଟିଏ ନାଲି କନା ଲଗାଇଥିଲେ ଏବଂ ଆଗ୍ରହୀ ଜନତାଙ୍କୁ ଅତି ଉତ୍ସାହର ସହିତ ପଛକୁ ଆଡ଼େଇ ଦେଉଥିଲେ । ବଳଭଦ୍ର ମହାପ୍ରଭୁ ଝୁଲି ଝୁଲି ରଥରେ ବିଜେ କଲେ ଏବଂ ଠିକ୍ ସେହିପରି ଭାବରେ ଝୁଲି ଝୁଲି ଜଗନ୍ନାଥ ମଧ୍ୟ ତାଙ୍କ ରଥରେ ବିଜେ ହେଲେ ।

୨୬ ତାରିଖ ଦିନ ସକାଳେ ରଥର ଦୃଶ୍ୟ ଆଡ଼ମ୍ବର ପୂର୍ଣ୍ଣ ଓ ଉଦ୍ଦୀପକ ଥିଲା । ଠାକୁରମାନେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା ଆରମ୍ଭ କରିଥିଲେ ।

(ଅନୁବାଦିତ)

## (୧୬) ୧୮୪୭ ମସିହା ରଥଯାତ୍ରା

ଦାର୍ଶନିକ ତଥା ବିଦ୍ୱାନ ଫାର୍‌ଗୁସନ୍ ସମ୍ଭବତଃ ୧୮୪୭ ମସିହାରେ ପୁରୀ ରଥଯାତ୍ରା ସଂଦର୍ଶନ କରିଥିଲେ । ସେ ତାଙ୍କ ପୁସ୍ତକ 'ପିକ୍‌ଚରେସ୍କ ଇଲଷ୍ଟ୍ରେସନ୍ ଅଫ ଆନ୍‌ସିଏଣ୍ଟ ଆର୍କିଟେକ୍‌ଚର୍ ଇନ୍ ହିନ୍ଦୁସ୍ଥାନ'ର ପୃଷ୍ଠା-୪୩ରେ 'ହିଜ୍ ଗଡ଼୍‌ସିପସ୍ ଜର୍ଣ୍ଣି ବାଇ କାର୍' ନାମକ ପ୍ରବନ୍ଧରେ ତାଙ୍କର ଅନୁଭୂତି ବର୍ଣ୍ଣନା କରିଛନ୍ତି ।

ମୁଁ ଯେଉଁ ବର୍ଷ ରଥଯାତ୍ରା ଦେଖିଲି, ସେ ବର୍ଷ ଠାକୁରଙ୍କ ଭାଗ୍ୟ ଅନୁକୂଳ ନ ଥିଲା । ତାଙ୍କର ରଥ କିଛି ବାଟ ଅଗ୍ରସର ହେଲା ପରେ କାଦୁଅରେ ଅଟକି ଯାଇଥିଲା । ରାସ୍ତା ଏତେ କର୍ଦ୍ଦମାକ୍ତ ଥିଲା ଯେ ଠାକୁରଙ୍କୁ ତାଙ୍କର ଜନ୍ମସ୍ଥାନ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବାକୁ ତିନିଦିନ ସମୟ ଲାଗିଥିଲା ।

ପୁରୀରେ ଜଗନ୍ନାଥଙ୍କୁ ରଥରେ ବସାଇ ମୁକ୍ତ ବାୟୁ ସେବନ କରାଇବା ଏକ ଅଦ୍ଭୁତ ଧରଣର ପୂଜା ପଦ୍ଧତି । ଦକ୍ଷିଣ ଭାରତରେ ପ୍ରତ୍ୟେକ ଦେବଦେବୀ ତାଙ୍କର ଯାନ ବ୍ୟବହାର କରନ୍ତି, କିନ୍ତୁ ଏତେବଡ଼ ରଥ ମୁଁ ଅନ୍ୟ କୌଣସି ଠାରେ ଦେଖି ନାହିଁ କିମ୍ବା କୌଣସି ଯାତ୍ରାରେ ଏତେ ଜନସମାଗମ ହୁଏ ନାହିଁ ।

(କ୍ରମଶଃ)

*ଐତିହ୍ୟ ପୃଷ୍ଠାରୁ ...*

# ଇନ୍ଦ୍ରଦ୍ୟୁମ୍ନ ଓ ଐତିହ୍ୟପୂର୍ଣ୍ଣ କୁରୁମ ପ୍ରସଙ୍ଗ

ପୁରୀର ପ୍ରସିଦ୍ଧ ତୀର୍ଥ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀକୁ ନେଇ ଅନେକ ଐତିହ୍ୟ ରହିଛି । ତହିଁରୁ ଗୋଟିଏ ରୋଚକ ଐତିହ୍ୟ ହେଉଛି 'କୁରୁମ ପ୍ରସଙ୍ଗ' । ଏହି ପ୍ରସଙ୍ଗ ଶିଶୁ କୃଷ୍ଣ ଦାସଙ୍କ ରଚିତ 'ଦେଉଳ ତୋଳା' ରେ ସ୍ଥାନ ପାଇବା ପରେ ବହୁଳ ପ୍ରଚାରିତ ହୋଇଥିଲା ଓଡ଼ିଶାରେ ।

ଇନ୍ଦ୍ରଦ୍ୟୁମ୍ନ ପ୍ରସଙ୍ଗ ସଂସ୍କୃତ ମହାଭାରତର ବନପର୍ବ'ରେ ଦେଖିବାକୁ ମିଳେ । ସେଥିରେ ମଧ୍ୟ କୁରୁମ ପ୍ରସଙ୍ଗ ରହିଅଛି । ନୈମିଷାରଣ୍ୟରେ ପାଣ୍ଡବମାନେ ମହର୍ଷି ମାର୍କଣ୍ଡେୟଙ୍କୁ ପଚାରିଥିଲେ ଆପଣଙ୍କଠାରୁ ପୁରୁଣା ବ୍ୟକ୍ତି କିଏ ? ମହର୍ଷି କହିଲେ ମହାରାଜା ଇନ୍ଦ୍ରଦ୍ୟୁମ୍ନ । ଥରେ ପୁଣ୍ୟକ୍ଷୟ ହେବାରୁ ସେ ମର୍ତ୍ତ୍ୟଲୋକ ଆସିଥିଲେ । ଆସିବା ପରେ ମତେ ହିଁ ପଚାରିଥିଲେ- ଚିହ୍ନି ପାରୁଛନ୍ତି !! ମୁଁ ନାଁ କହିବା ସହିତ ପରାମର୍ଶ ଦେଇଥିଲି ପ୍ରାବରକର୍ଣ୍ଣ ନାମର ଭଲ୍ଲୁକ ମହର୍ଷି ମୋ ଠାରୁ ପୁରାତନ । ସେ ହିମାଳୟରେ ଅଛନ୍ତି । ତାଙ୍କୁ ପଚାର । ମହର୍ଷି ପ୍ରାବର କର୍ଣ୍ଣ (ଯେ କି ବହୁବର୍ଷ ତପସ୍ୟା କରି ପେଚା (ଭଲ୍ଲୁକ) ପରି ହୋଇଯାଇଥିବାରୁ ଭଲ୍ଲୁକ ଋଷି ନାମରେ ଜଣାଶୁଣା ଥିଲେ ।) କହିଲେ- ମୁଁ ଚିହ୍ନି ପାରୁ ନାହିଁ । ମୋ ଠାରୁ ପୁରୁଣା ହେଉଛନ୍ତି ନାଡ଼ିଜଙ୍ଘ ମହର୍ଷି । ଯେ ତପସ୍ୟା କରି ବଗ ସଦୃଶ କ୍ଷୀଣ ଶରୀର ହୋଇଯାଇଛନ୍ତି । ତାଙ୍କ ପାଖକୁ ଯାଆନ୍ତୁ । ସେ ଚିହ୍ନି ପାରିବେ । ନାଡ଼ିଜଙ୍ଘ ମହର୍ଷି ବି ଚିହ୍ନିପାରିଲେନି । କହିଲେ- ବାବା ! ମୋ ଠାରୁ ପୁରୁଣା ହେଉଛନ୍ତି 'ଅକୁପାର' ନାମକ କୁରୁମ । ସେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ରହୁଛନ୍ତି । ତାଙ୍କୁ ପଚାର । ଅକୁପାରଙ୍କୁ ପଚାରିବାରୁ ସେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଚିହ୍ନନ୍ତି ବୋଲି କହିଥିଲେ । ତାଙ୍କରି ଯଜ୍ଞରେ ଗୋରୁମାନଙ୍କ ଖୁରାରୁ ଏହି ହ୍ରଦର ସୃଷ୍ଟି । ସେବେଠାରୁ ମୁଁ ଏଠାରେ ବାସ କରୁଅଛି ।

ମନେହୁଏ ପ୍ରଥମେ ଏହି ତୀର୍ଥ ବିଶାଳ ହ୍ରଦ ସଦୃଶ ଥିଲା । ଯାରି କୂଳରେ ଅକୁପାର ମହର୍ଷି ତପସ୍ୟା କରି ବହୁବର୍ଷ ପରେ ଗୁଦଲଗାଦଲ ହୋଇ ଗୋଟିଏ ବଡ଼ କୁରୁମ ସଦୃଶ୍ୟ ଦେଖାଯାଉଥିଲେ । ମହାଭାରତର ଏହି ମୂଳ ବର୍ଣ୍ଣନାକୁ ନେଇ ଇନ୍ଦ୍ରଦ୍ୟୁମ୍ନର 'କୁରୁମ ଐତିହ୍ୟ' ବିକାଶ ଲାଭ କରିଥିଲା । ପରେ ଶହ ଶହ ସଂଖ୍ୟାରେ ଏଠାରେ କରୁମମାନେ ବିକଶିତ ହୋଇଥିଲେ । ଦେଉଳ



ତୋଳା କାବ୍ୟରେ କୃଷ୍ଣଦାସେ ଏଇ ଐତିହ୍ୟକୁ ବିସ୍ତାରିତ କରିଥିଲେ । ବଡ଼ଦେଉଳ ତୋଳାଯିବା ସମୟରେ ମଣିଷମାନେ ପଥର ବୋହି ବୋହି କୁରୁମ ପାଲଟି ଯାଇଥିଲେ । ସେମାନେ ଏଇ ତୀର୍ଥରେ ରହି ଯାଇଥିଲେ । ଏଇ ବିଶ୍ୱାସକୁ ତୀର୍ଥଯାତ୍ରୀଙ୍କୁ ବି ତୀର୍ଥପଣ୍ଡା ବୁଝାଉଥିଲେ । ଚମତ୍କାର ଐତିହ୍ୟ ମନରେ କୌତୁହଳ ସୃଷ୍ଟି ହେବାପରେ ତୀର୍ଥ ଦାଢ଼ରେ ବିକ୍ରୀ ହେଉଥିବା 'ଲିଆ' କିଣି ତୀର୍ଥକୁ ପକାଉଥିଲେ । ବଡ଼ ବଡ଼ କୁରୁମ ତାହାକୁ ଖାଇବାକୁ ଆସୁଥିଲେ । ପଇସା ପକାଉଥିଲେ । କାର୍ତ୍ତିକ ମାସରେ ହବିଷ ପାଳୁଥିବା ଲୋକେ- 'କଡ଼ିକିଆ ଦାସ, କଡ଼ିକିଆ ମୁଆଁ ଖାଇବ ଆସ' କହି ବେଣ୍ଟମୁଆଁ ଦେଉଥିଲେ ଖାଇବାକୁ । ୧୯୭୧ ମସିହାରେ ତୀର୍ଥ ସଂସ୍କାର ବେଳେ ହଜିଗଲେ ସେମାନେ । ଯାହା ଥିଲେ ମାଛ ଧରିବା ପରେ ସମସ୍ତେ ଲୋପ ପାଇଗଲେ !!

ମାତ୍ର ୩୩ ବର୍ଷ ତଳେ ଆଉ ଗୋଟିଏ ବି କୁରୁମ ଦେଖାଗଲେ ନାହିଁ । ତୀର୍ଥ କୂଳର ଲିଆ ଆଉ ମୁଆଁର ପସରା ଦେଖିବାକୁ ମିଳିଲାନି । ଶ୍ରୀମନ୍ଦିର ପ୍ରଶାସନ ସେଇ ସମୟରେ କଟକ ଜିଲ୍ଲାର ଚମ୍ପାପୁର ଗାଁରୁ କୁରୁମ ଆଣିବାକୁ କଟକ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ । ଏହା ୧୯୮୯ ମସହି କଥା । କ'ଣ ହେଲା ତାହା ଆଉ ଆଗେଇଲା ନାହିଁ । ସତରେ ଏକ ଐତିହ୍ୟ ଘଟଣାକୁ ମାମୁଲି ଘଟଣା ଆମେ ଭାବିଲେ !! ପ୍ରାଚୀନ କୁରୁମମାନଙ୍କ ଐତିହ୍ୟ ଧ୍ୱଂସ ପାଇବା ପରେ ଆମେ ନୂଆ ନୂଆ କୁରୁମ ଚାଷ କରୁଛେ ପରିବେଶ ପାଇଁ !!!

*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଐତିହ୍ୟ ବିଶାରଦ (ଦୋଳମଣ୍ଡପ ସାହି), ପୁରୀ-୧*


# ଫଟୋରେ ଖବର...






ତା. ୯.୧୨.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ଭକ୍ତ ନିବାସ ବୁକିଂ ପାଇଁ ନୂଆ ୱେବସାଇଟ୍ (https://stayatpurijagannatha.in/) ଲୋକାର୍ପଣ ଉତ୍ସବରେ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା, ମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ପ୍ରଶାସକ ବୃନ୍ଦ





ତା. ୧୦.୧୨.୨୧ରେ ନୀଳାଦ୍ରି ଭକ୍ତ ନିବାସ ପରିସରରେ ଶ୍ରୀମନ୍ଦିର ସେବକଙ୍କ ସ୍ୱାସ୍ଥ୍ୟ ସେବା ଶିବିର ଉଦ୍‌ଘାଟନ ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର, ଆପୋଲୋ ଡାକ୍ତରଖାନାର ଅଧିକାରୀ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟବୃନ୍ଦ



ତା. ୧୦.୧୨.୨୧ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାରଙ୍କ ଅଧକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ



ତା. ୧୦.୧୨.୨୧ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାରଙ୍କ ଅଧକ୍ଷତାରେ ଆହୂତ 'ନୀତି ସବ୍-କମିଟି' ବୈଠକ

# ଫଟୋରେ ଖବର...



ତା. ୧୬.୧୨.୨୧ରେ ନିତି ଆୟୋଗ ଉପାଧ୍ୟକ୍ଷ ଡ. ରାଜୀବ କୁମାର ସପରିବାର ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି



ତା. ୧୭.୧୨.୨୧ରେ ପଣ୍ଡୁ ନୃସିଂହଙ୍କ ଘରି ଆଶ୍ରମ ବିଜେ



ତା. ୨୦.୧୨.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ବାଲେଶ୍ୱର ଜିଲ୍ଲାର ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ଦାଶ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୨୦ ଲକ୍ଷ ଟଙ୍କାର ଦାନ ଚେକ୍ ଆକାରରେ ପ୍ରଶାସକ (ଉନ୍ନୟନ) ଶ୍ରୀଯୁକ୍ତ ଅଜୟ କୁମାର ଜେନାଙ୍କୁ ପ୍ରଦାନ କରୁଛନ୍ତି



ତା. ୨୦.୧୨.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ପୁରୀ ଗଜପତି ନଗରର ଶ୍ରୀମତୀ କଳ୍ପନା ପାଢ଼ୀ ତାଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୩ ଗୋଟି ରୂପା ଥାଳି ପ୍ରଶାସକ (ଉନ୍ନୟନ) ଶ୍ରୀଯୁକ୍ତ ଅଜୟ କୁମାର ଜେନାଙ୍କୁ ପ୍ରଦାନ କରୁଛନ୍ତି



ତା. ୨୪.୧୨.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆହୂତ 'ଦ୍ୱିତୀୟ ପଞ୍ଜିକା ସମୀକରଣ' ବୈଠକ



ତା. ୨୪.୧୨.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଏସ୍.ଏମ୍.କନ୍ସଲଟାଣ୍ଟ ସଂସ୍ଥାର ସ୍ୱତ୍ତାଧିକାରୀ ଡ. ସୌମେନ୍ଦ୍ର ମହାନ୍ତିଙ୍କ ପ୍ରତିନିଧି ୧୦ ଲକ୍ଷ ଟଙ୍କାର ଦାନ ଚେକ୍ ଆକାରରେ ଶ୍ରୀମନ୍ଦିର ପ୍ରଶାସକ (ଉନ୍ନୟନ) ଶ୍ରୀଯୁକ୍ତ ଅଜୟ କୁମାର ଜେନାଙ୍କୁ ପ୍ରଶାସନର ଅଧିକାରୀମାନଙ୍କ ଉପସ୍ଥିତିରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରୁଛନ୍ତି

# ପଦ୍ମବେଶ ହେବା ପାଇଁ ବଳିଲା ଶରଧା

ପୁଷ୍ପମାନଙ୍କ ମଧ୍ୟରେ ପଦ୍ମପୁଷ୍ପକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି । କବିଙ୍କ ଭାଷାରେ-

‘କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି !
କି ଅମୃତେ ତୋ ତନୁ ଗଢ଼ିଲା ବିହି ।’

ମହାପ୍ରଭୁଙ୍କର ମୁଖମଣ୍ଡଳ, ନେତ୍ରଯୁଗଳ, ହୃଦୟ ଏବଂ କରପଲ୍ଲବ, ପଦକମଳ ବା ପଦ୍ମ ଆଖ୍ୟା ଦିଆଯାଇଛି । ମା’ ମହାଲକ୍ଷ୍ମୀ କମଳାଳୟା । ମା’ଙ୍କୁ ଦେଖି ମହାପ୍ରଭୁଙ୍କର ମନ ବଳିଲା ପଦ୍ମବେଶ ହେବାପାଇଁ । ପୁଣି ଅଦିନରେ । ମାଘ ମାସରେ ବାଘପରି ଶୀତ ମାଡ଼ି ଆସିଛି । ଚରିଆଡ଼େ କୁହୁଡ଼ି କାକର । ମହାପ୍ରଭୁଙ୍କର ଘୋଡ଼ଲାଗି ବେଶ ଶେଷ ହୋଇନାହିଁ । ମହାପ୍ରଭୁଙ୍କର ଜଣେ ଅନ୍ତରଂଗ ଭକ୍ତ ମନୋହର ଦାସ । ଋଷିକୁଲ୍ୟା ନଦୀ ତୀରରେ ତାଙ୍କର ଆଶ୍ରମ । ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ସେ ଶ୍ରୀକ୍ଷେତ୍ର ବାହାରିଲେ । ସାଧୁ ଲୋକ । କ’ଣ ବା ଅଛି ତାଙ୍କ ପାଖରେ । କେବଳ ମହାପ୍ରଭୁଙ୍କ ଚରଣାରବିନ୍ଦରେ ସମର୍ପିତ ମନଟିଏ । ପଦ ଯାତ୍ରାରେ ଆସିଲାବେଳେ ବାଟରେ ଦେଖିଲେ ସୁନ୍ଦର ପଦ୍ମ ପୁଷ୍କରିଣୀଟିଏ । ପଦ୍ମ ଫୁଲରେ ପୂରି ଯାଇଛି ପୁଷ୍କରିଣୀଟି । ମନୋହର ଦାସଙ୍କର ଇଚ୍ଛା ହେଲା ପଦ୍ମ ଫୁଲଗୁଡ଼ିକ ସଂଗ୍ରହ କରି ମହାପ୍ରଭୁଙ୍କ ପାଇଁ ନେବାପାଇଁ । ସେଇଆ ହେଲା । ପୋଖରୀ ଭିତରୁ ପଦ୍ମ ଫୁଲଗୁଡ଼ିକ ତୋଳି ଗୋଟିଏ ଗାମୁଛାରେ ଗଣ୍ଠିଲି କରି ବାନ୍ଧିଲେ । ତାକୁ ମୁଣ୍ଡରେ ମୁଣ୍ଡାଇ ଚାଲିଲେ । କେତେଦିନ ପରେ ଆସି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ । ସାଧୁଙ୍କର ଗାମୁଛାଟି ମଳିନ ଥିଲା । ତା’ ଭିତରେ ବନ୍ଧା ହୋଇଥିବା ପଦ୍ମଫୁଲ ଗୁଡ଼ିକ ମଧ୍ୟ ଶୁଖି ଯାଇଥିଲା । ଜଣେ ସିଂହାରୀ ସେବକଙ୍କୁ ସାଧୁ ଅନୁରୋଧ କଲେ ଫୁଲଗୁଡ଼ିକୁ ମହାପ୍ରଭୁଙ୍କୁ ଲାଗି କରିଦେବା ପାଇଁ । ମଳିନ ବସ୍ତ୍ର ଏବଂ ମଉଳା ଫୁଲଗୁଡ଼ିକୁ ଦେଖି ସେବକ ତାହା ମହାପ୍ରଭୁଙ୍କ ଲାଗି ଉପଯୁକ୍ତ ନୁହେଁ ବୋଲି ମତ ଦେଲେ । ଆପଣାର ପରିଶ୍ରମ ବୃଥା ହେଲା ଏବଂ ମହାପ୍ରଭୁ ତାଙ୍କର ପୁଷ୍ପଗୁଡ଼ିକୁ ଗ୍ରହଣ କରିବେ ନାହିଁ ଏ କଥା ଭାବି ମନୋହର ଦାସ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲେ । ସେହିଦିନ ରାତିରେ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ରାଜଗୁରୁଙ୍କୁ ମହାପ୍ରଭୁଙ୍କର ସ୍ୱପ୍ନାଦେଶ ହେଲା ଆମ୍ଭର ଭକ୍ତ ମନୋହର ଦାସ କେଡ଼େ ଶରଧାରେ ଆମ୍ଭ ପାଇଁ ପଦ୍ମ ଫୁଲ ଦୂରସ୍ଥାନରୁ ସଂଗ୍ରହ କରି ଆଣିଛି । ତାହା ଆମ୍ଭଙ୍କୁ ସମର୍ପଣ ନ କରି ଭକ୍ତକୁ ନିରାଶ କରିବା ଠିକ୍ ହୋଇନାହିଁ । ଭକ୍ତକୁ ଆଶ୍ୱସ୍ତ କରାଇ ପଦ୍ମଫୁଲ ଗୁଡ଼ିକ ନେଇଆସ । ତୁରନ୍ତ ଆମ୍ଭଙ୍କୁ ପଦ୍ମବେଶରେ ସଜ୍ଜିତ କରାଅ । ଆମ୍ଭେ ସନ୍ତୁଷ୍ଟ ହେବୁ ଏବଂ ଭକ୍ତର ମନୋବାଞ୍ଛା ମଧ୍ୟ ସିଦ୍ଧ ହେବ । ରାଜଗୁରୁଙ୍କ ଆଦେଶରେ ସିଂହାରୀ ସେବକ ଯାଇ ମନୋହର ଦାସ ଆଣିଥିବା ପଦ୍ମ ଫୁଲଗୁଡ଼ିକ ନେଇ ଆସିଲେ । ତାହା ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିବା ମାତ୍ରେ ଫୁଟି ଉଠିଲା । ରତ୍ନ ସିଂହାସନ ଏବଂ ପୋଖରିଆ ପଦ୍ମଗନ୍ଧରେ ପୂରିଗଲା । ରାତ୍ରିକାଳରେ ଘୋଡ଼ ବେଶରେ ମହାପ୍ରଭୁ ଅଛନ୍ତି । ତା ଉପରେ ବଡ଼ସିଂହାରର ପଦ୍ମବେଶ ଅତି ମନୋରମ । ଦିଅଁମାନଙ୍କ ମୁଖମଣ୍ଡଳକୁ ଘେରି ରହିଛି ପଦ୍ମ ପାଖୁଡ଼ା । କରପଲ୍ଲବ, ହୃଦପଲ୍ଲବ, ପୟରମାଳା, ଫୁଲର ଗୁଣା, ଫୁଲର ଚିତା ଶୋଭା ପାଉଛି । ମହାପ୍ରଭୁ ହସ ହସ ବଦନରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି । ଭକ୍ତ ମନୋହର ଦାସ କରପତ୍ର ଯୋଡ଼ି ଉଭା ହୋଇ ପ୍ରାର୍ଥନା କରୁଛନ୍ତି, ‘ମହାପ୍ରଭୁ ! ଆପଣ ଅପାର କରୁଣା ସାଗର । ଏଇ ପଦ୍ମବେଶ କେବଳ ଆଜି ଦିନକ ପାଇଁ ନ ହୋଇ କାଳକାଳକୁ ରହିଥାଉ । ଆପଣ ଯେ ଭକ୍ତ ବାନ୍ଧବ ସେ କଥା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥାଉ ।



*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*
*ମଂଗଳାଘାଟ ରୋଡ଼, ପୁରୀ-୧*

## ଜାନୁୟାରୀ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୨.୧.୨୨ ରିଖ ରବିବାର | ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା |
| ତା. ୧୨.୧.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ଶାମ୍ବ ଦଶମୀ |
| ତା. ୧୩.୧.୨୨ ରିଖ ଗୁରୁବାର | ଶ୍ରୀମନ୍ଦିରରେ ପୁତ୍ରଦା ଏକାଦଶୀ ଓ ନବାଙ୍କ ବେଶ |
| ତା. ୧୪.୧.୨୨ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି |
| ତା. ୧୭.୧.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ ଦେବାଭିଷେକ ଓ ପୁଷ୍ୟାଭିଷେକ ପୂର୍ଣ୍ଣିମା |
| ତା. ୨୮.୧.୨୨ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଷଟ୍‌ତିଳା ଏକାଦଶୀ |

ସୌଜନ୍ୟ- OMC | ODISHA NEW OPPORTUNITIES



ତା. ୧୬.୧୨.୨୧ରେ ଶ୍ରୀମନ୍ଦିରରେ ଧନୁ ସଂକ୍ରାନ୍ତି ଓ ମହାପ୍ରଭୁଙ୍କ ପହିଲି ଭୋଗ ଆରମ୍ଭ

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : jagannath.or@nic.in * Web Site : www.shreejagannatha.in**
**Printed at : Rama Press, North Gate, Puri**
ମୂଲ୍ୟ : ଦୁଇଟଙ୍କା ମାତ୍ର